# NATIONAL NEWS BULLETIN (ODIA)

**26 October - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଆଦିବାସୀମାନେ  ପ୍ରାକୃତିକ ଜୀବନଶୈଳୀ ଦ୍ୱାରା ପରିଚାଳିତ ଜ୍ଞାନର ଭଣ୍ଡାର, କହିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

- ଆର୍ଥିକ ଅଭିବୃଦ୍ଧି ନିମନ୍ତେ ବିଶ୍ୱବ୍ୟାଙ୍କ ବିକାଶର ପରିସୀମା ଆହୁରି ବ୍ୟାପକ କରିବା ଲାଗି ଆହ୍ୱାନ ଦେଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ

- ଭାରତୀୟ ସୀମା ସୁରକ୍ଷା ବଳ ଏବଂ ବାଂଲାଦେଶର ବର୍ଡ଼ର ଗାର୍ଡ ମଧ୍ୟରେ ହେବାକୁ ଥିବା ୫୫ତମ ମହାନିର୍ଦ୍ଦେଶକ ସ୍ତରୀୟ କଥାବାର୍ତ୍ତା ସ୍ଥଗିତ

- ଇରାନର ଅନେକ ଗୁଡ଼ିଏ ସେନା ଆଡ୍ଡା ଉପରେ ଇସ୍ରାଏଲ୍‌ର ଆକ୍ରମଣ

ଏବଂ

- ପୁଣେରେ ଚାଲିଥିବା ଦ୍ୱିତୀୟ ଟେଷ୍ଟମ୍ୟାଚ୍‌ର ତୃତୀୟ ଦିନରେ ୧୯୮ ରନ୍‌ରୁ ବ୍ୟାଟିଂ ଆରମ୍ଭ କରିଛି ନ୍ୟୁଜିଲ୍ୟାଣ୍ଡ

---

## ପ୍ରେଜ୍ ଛତିଶଗଡ଼ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଆଦିବାସୀମାନେ  ପ୍ରାକୃତିକ ଜୀବନଶୈଳୀ ଦ୍ୱାରା ପରିଚାଳିତ ଜ୍ଞାନର ଭଣ୍ଡାର ଅଟନ୍ତି । ଆଇଆଇଟି ଭିଲାଇର ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଷ୍ଟ୍ରପତି କହିଛନ୍ତି

ଆଦିବାସୀ ଲୋକଙ୍କ ଜୀବନଶୈଳୀରୁ ଶିକ୍ଷାକରି ଦେଶର ବିକାଶରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରାଯାଇ ପାରିବ । ସେ କହିଛନ୍ତି ଦେଶର ସଂପୂର୍ଣ୍ଣ ବିକାଶ ସେତିକିବେଳେ ସମ୍ଭବ ହୋଇପାରିବ, ଯେତେବେଳେ ଆଦିବାସୀ ଲୋକମାନେ ବିକାଶ ପ୍ରକ୍ରିୟାରେ ସହଭାଗୀ ହୋଇପାରିବେ ।

ରାଷ୍ଟ୍ରପତି କହିଛନ୍ତି ଛତିଶଗଡ଼ରେ ଆଦିବାସୀ ପରମ୍ପରା ଏବଂ ସଂସ୍କୃତି ଅତ୍ୟନ୍ତ ସମୃଦ୍ଧ । ସମାରୋହ କାଳରେ ରାଷ୍ଟ୍ରପତି ୭ ଜଣ ଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଛନ୍ତି । ଏହି ଅବସରରେ ଛତିଶଗଡ଼ ରାଜ୍ୟପାଳ ରାମେନ୍ ଡେକା ଏବଂ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ ଉପସ୍ଥିତ ଥିଲେ । ଆଜି ରାଷ୍ଟ୍ରପତି ରାୟପୁରସ୍ଥିତ ସ୍ୱାସ୍ଥ୍ୟ ବିଜ୍ଞାନ ଏବଂ ଆୟୁଷ ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ସମାରୋହରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ଏଫ୍ଏମ୍-ୱାର୍ଲଡବ୍ୟାଙ୍କ

କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ, ବିଶ୍ୱବ୍ୟାଙ୍କ ଗ୍ଲୋବାଲ୍ ସାଉଥର ପରିବର୍ତ୍ତନକାରୀ ପଦକ୍ଷେପ ଗୁଡ଼ିକୁ ଡିଜିଟାଲ ଅନ୍ତର୍ଭୁକ୍ତିକରଣ ଏବଂ ସମାବେଶୀ ଶକ୍ତି କ୍ଷେତ୍ରରେ ବ୍ୟବହାର କରି ଦ୍ୱିପକ୍ଷୀୟ ଆଦାନ ପ୍ରଦାନ ବ୍ୟବସ୍ଥାକୁ ବୃଦ୍ଧି କରିବାକୁ ଆହ୍ୱାନ ଦେଇଛନ୍ତି । ୱାଶିଂଟନ୍ ଡିସିରେ ବିଶ୍ୱବ୍ୟାଙ୍କର ବାର୍ଷିକ ବୈଠକରେ ଯୋଗଦେବା ଅବସରରେ ଅର୍ଥମନ୍ତ୍ରୀ ସୀତାରମଣ ଏହା କହିଛନ୍ତି । **ଭବିଷ୍ୟତ ପାଇଁ ପ୍ରସ୍ତୁତ ବିଶ୍ୱବ୍ୟାଙ୍କ ସମୂହ** ଶୀର୍ଷକ ପ୍ରସଙ୍ଗ ଉପରେ ଆଲୋଚନାରେ ଭାଗ ନେଇ ଅର୍ଥମନ୍ତ୍ରୀ, ବିଶ୍ୱବ୍ୟାଙ୍କ ମଧ୍ୟମ ଆୟକାରୀ ଦେଶକୁ ଅଧିକ ଋଣ ନେବା ପାଇଁ ପ୍ରୋତ୍ସାହିତ କରିବା ସହ ବିକାଶର

ପରିସୀମା ଆହୁରି ବ୍ୟାପକ କରିବା ଲାଗି ଏକ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଛନ୍ତି ।

ଶ୍ରୀମତୀ ସୀତାରମଣ ଭାରତର ଦୃଷ୍ଟିକୋଣକୁ ଗୁରୁତ୍ୱର ସହ ଉପସ୍ଥାପନ କରି କହିଛନ୍ତି, ବିଶ୍ୱସ୍ତରୀୟ ଶାସନ ସୂଚକାଙ୍କକୁ ନେଇ ନେଇ ବିଶ୍ୱବ୍ୟାଙ୍କ ତଥ୍ୟ ଆଧାରିତ ବ୍ୟବସ୍ଥା କରିବା ଉଚିତ । ଶ୍ରୀମତୀ ସୀତାରମଣ ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ପରିଚାଳନା ନିର୍ଦ୍ଦେଶକଙ୍କ ଦ୍ୱାରା ଆହୂତ ବୈଠକରେ ଯୋଗ ଦେଇଥିଲେ । ସେ କହିଥିଲେ ୨୦୨୪ରେ ବିଶ୍ୱସ୍ତରୀୟ ଅର୍ଥ ବ୍ୟବସ୍ଥାରେ ସହଜତା ଦେଖାଦେଇଛି ଏବଂ ଅନେକ ଗୁଡ଼ିଏ ପ୍ରମୁଖ ଅର୍ଥନୀତି ସେମାନଙ୍କ ଲକ୍ଷ୍ୟ ପୂରଣ କରିପାରିଛନ୍ତି ।

## ବିଏସ୍‌ଏଫ୍ ଡିଜି- ଟକ୍ ପୋଷ୍ଟପଣ୍ଡ୍

ଭାରତୀୟ ସୀମା ସୁରକ୍ଷା ବଳ ଏବଂ ବାଂଲାଦେଶର ବଡ଼ର୍ଡର ଗାର୍ଡ ମଧ୍ୟରେ ହେବାକୁ ଥିବା ୫୫ତମ ମହାନିର୍ଦ୍ଦେଶକ ସ୍ତରୀୟ କଥାବାର୍ତ୍ତାକୁ ସ୍ଥଗିତ ରଖାଯାଇଛି । ଆସନ୍ତାମାସ ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଏହି ଆଲୋଚନା ହେବାର ଥିଲା । ବାଂଲାଦେଶ ବର୍ଡର ଗାର୍ଡର ଜଣେ ପ୍ରବକ୍ତା କହିଛନ୍ତି, ସେଠାକାର ବର୍ତ୍ତମାନ ପରିସ୍ଥିତିରେ ସମସ୍ତ ଅଧିକାରୀ ମୁତୟନ ଅଛନ୍ତି । ତେଣୁ ଆସନ୍ତାମାସରେ ହେବାକୁ ଥିବା ଆଲୋଚନାରେ ଭାଗନେବା ସେମାନଙ୍କ ପାଇଁ ସମ୍ଭବ ହେବ ନାହିଁ । ଏହାକୁ ଆଉ ଏକମାସ ଘୁଞ୍ଚାଇବା ଲାଗି ସେ ଅନୁରୋଧ କରିଛନ୍ତି ।

ସୂଚନାଯୋଗ୍ୟ ଉଭୟ ଦେଶର ସୀମା ସୁରକ୍ଷା ବଳର ମହାନିର୍ଦ୍ଦେଶକସ୍ତରୀୟ କଥାବାର୍ତ୍ତା ବର୍ଷକୁ ଦୁଇଥର ଅନୁଷ୍ଠିତ ହୋଇଥାଏ ।

# ନୋମିନେସନ୍

କେରଳର ଓ୍ୱାୟାନାଡ ସଂସଦୀୟ ଆସନ ସମେତ ବିଭିନ୍ନ ରାଜ୍ୟର ୪୭ଟି ବିଧାନସଭା ଆସନ ଲାଗି ଅନୁଷ୍ଠିତ ହେବାକୁ ଥିବା ଉପନିର୍ବାଚନ ନିମନ୍ତେ ଗତକାଲି ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି । ଏହି ପର୍ଯ୍ୟାୟରେ ଉତ୍ତରପ୍ରଦେଶର ୯ଟି ବିଧାନସଭା ଆସନ, ରାଜସ୍ଥାନର ୭ଟି, ପଶ୍ଚିମବଙ୍ଗର ୬ଟି, ଆସାମର ୫ଟି, ବିହାର ଓ ପଞ୍ଜାବର ୪ଟି ଲେଖାଏଁ, କର୍ଣ୍ଣାଟକର ୩ଟି, କେରଳ, ମଧ୍ୟପ୍ରଦେଶ ଓ ସିକିମ୍‌ର ୨ଟି ଲେଖାଏଁ ଏବଂ ଛତିଶଗଡ଼, ଗୁଜରାଟ ଓ ମେଘାଳୟ ବିଧାନସଭାର ଗୋଟିଏ ଲେଖାଏଁ ଆସନ ଲାଗି ଉପନିର୍ବାଚନ ଅନୁଷ୍ଠିତ ହେବ । ଏଥିଲାଗି ଆସନ୍ତାମାସ ୧୩ ତାରିଖ ଦିନ ମତଦାନ କରାଯିବ । ସେହିଦିନ ଓ୍ୱାୟନାଡ ସଂସଦୀୟ କ୍ଷେତ୍ର ଲାଗି ମଧ୍ୟ ଭୋଟ୍ ଗ୍ରହଣ ହେବ । ଏହାଛଡ଼ା ଆସନ୍ତା ମାସ ୨୦ ତାରିଖ ଦିନ ମହାରାଷ୍ଟ୍ରର ନାନ୍ଦେଡ ଲୋକସଭା ଆସନ ଏବଂ ଉତ୍ତରାଖଣ୍ଡର କେଦାରନାଥ ବିଧାନସଭା ଆସନ ନିମନ୍ତେ ଉପନିର୍ବାଚନ ଅନୁଷ୍ଠିତ ହେବ । ଏହି ସମସ୍ତ ଉପନିର୍ବାଚନର ଭୋଟ୍ ଗଣତି ନଭେମ୍ବର ୨୩ ତାରିଖରେ କରାଯିବ ।

---

# କଞ୍ଜୁମର ଆଫେୟାର -ହେଲ୍‌ମେଟ୍

କେନ୍ଦ୍ର ଉପଭୋକ୍ତା ବ୍ୟାପାର ବିଭାଗ ଦେଶର ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଜିଲ୍ଲାସ୍ତରୀୟ ମାଜିଷ୍ଟ୍ରେଟମାନଙ୍କୁ ଅଣମାନ୍ୟତାପ୍ରାପ୍ତ ହେଲ୍‌ମେଟ୍ ନିର୍ମାତା ଏବଂ ବିକ୍ରେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଛି । ବିଶେଷକରି ଦୁଇଚକିଆ ଯାନ ଚାଳକମାନେ ବ୍ୟବହାର କରୁଥିବା ହେଲମେଟ୍ ନିର୍ମାଣ ଓ ବିକ୍ରୟ କ୍ଷେତ୍ରରେ ଏହି ପଦକ୍ଷେପ ନେବା ପାଇଁ

କୁହାଯାଇଛି । ସୁରକ୍ଷା ଦୃଷ୍ଟିରୁ ଦୁଇଚକିଆ ବାହାନ ଚାଳକମାନେ ବ୍ୟବହାର କରୁଥିବା ହେଲମେଟ୍ ଗୁଡ଼ିକ ଉପଭୋକ୍ତା ମନ୍ତ୍ରଣାଳୟର ମାନଦଣ୍ଡ ପୂରଣ କରୁନଥିବା ଜଣାପଡ଼ିବା ପରେ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି । ବିଭାଗୀୟ ସଚିବ ନିଧି ଖରେ କହିଛନ୍ତି ବଜାରରୁ ନିମ୍ନମାନର ହେଲମେଟ୍ ହଟାଇବା ଏବଂ ଉପଭୋକ୍ତାମାନଙ୍କୁ ବି.ଆଇ.ଏସ୍. ପ୍ରମାଣିତ ଉତ୍ପାଦ ବ୍ୟବହାର ଲାଗି ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ଉଦ୍ଦେଶ୍ୟ । ଦେଶର ନାଗରିକଙ୍କ ସୁରକ୍ଷା ଲାଗି ସମସ୍ତେ ଏହି ଅଭିଯାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ବିଭାଗୀୟ ସଚିବ ଆହ୍ୱାନ ଦେଇଛନ୍ତି ।

## ଇସ୍ରାଏଲ୍ ଇରାନ ମିଲିଟାରୀ ଷ୍ଟ୍ରାଇକ୍

ପଶ୍ଚିମ ଏସୀଆରେ ଏକ ମହତ୍ତ୍ୱପୂର୍ଣ୍ଣ ଘଟଣାକ୍ରମରେ ଆଜି ସକାଳେ ଇସ୍ରାଏଲ୍' ଇରାନର ଅନେକ ଗୁଡ଼ିଏ ସେନା ଆଡ୍ଡା ଉପରେ ଆକ୍ରମଣ କରିଛି । ଫଳରେ ସେହି ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇଛି । ଇସ୍ରାଏଲ୍ର ସୁରକ୍ଷାବଳ ଏହି ବିଷୟ ସ୍ପଷ୍ଟ କରି କହିଛନ୍ତି ଚଳିତ ମାସ ୧ ତାରିଖରେ ଇରାନ୍' ଇସ୍ରାଏଲ୍ ଉପରେ କରିଥିବା ଆକ୍ରମଣର ଆଜି ଜବାବ ଦିଆଯାଇଛି ।

ଆଜିର ଆକ୍ରମଣରେ ଇସ୍ରାଏଲ୍ର ୧୦୦ଟିରୁ ଅଧିକ ଲଢୁଆ ଜେଟ୍ ବିମାନ ତେହେରାନ୍, ଇଲମ୍ ଏବଂ କୁଜେସ୍ତାନରେ ଥିବା ସେନା ବେସ୍ କ୍ୟାମ୍ପ ଉପରେ ଆକ୍ରମଣ କରିଥିଲା । ତେହେରାନ୍ ଏବଂ କରାଜ୍ରେ ଥିବା ଶକ୍ତିକେନ୍ଦ୍ର ଉପରେ ମଧ୍ୟ ଆକ୍ରମଣ କରାଯାଇଥିବା ଜଣାପଡ଼ିଛି । ଭୋର୍ ୫ଟା ୩୦ ମିନିଟ୍ରେ ଏହି ଆକ୍ରମଣ କରାଯାଇଥିଲା । ଇତିମଧ୍ୟରେ

ଇରାନର ଅଧିକାରୀମାନେ ଆକ୍ରମଣ ହୋଇଥିବା ସ୍ୱୀକାର କରିଛନ୍ତି । ତେବେ ଏଥିରେ ଅଧିକ କ୍ଷୟକ୍ଷତି ହୋଇନଥିବା କୁହାଯାଇଛି । ଆଜି ସକାଳର ଆକ୍ରମଣକୁ ଦୃଷ୍ଟିରେ ରଖି ଇରାନର ବେସାମରିକ ବିମାନ ଚଳାଚଳ ବିଭାଗ' ଇସ୍ରାଏଲ୍ ସୀମା ମଧ୍ୟ ଦେଇ ତା'ର ବିମାନ ଗୁଡ଼ିକର ଉଡ଼ାଣ ବାତିଲ କରିଛି ।

## ମହା ଇଲେକ୍ସନ ସେକେଣ୍ଡ ଲିଷ୍ଟ୍

କଂଗ୍ରେସ ଏବଂ ଉଦ୍ଧବ ବାଲାସାହେବ ଠାକ୍‌ରେଙ୍କ ଶିବସେନା ଦଳ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ନିମନ୍ତେ ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି । କଂଗ୍ରେସ ୨୩ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବା ବେଳେ, ଶିବସେନା ୧୫ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ବସନ୍ତ ପୁର୍‌କେ ଙ୍କୁ ରାଲେଗାଓଁ ଆସନରୁ କଂଗ୍ରେସ ପ୍ରାର୍ଥୀ କରିଥିବା ବେଳେ, ଅନୁଜ କେଦାର ଙ୍କୁ ସାବ୍‌ନେର୍, ଦିଲ୍ଲୀ ବଂଶୋଲ୍ ଙ୍କୁ ଅର୍ଜୁନୀ ମୋର୍‌ଗାଓଁ, କୈଳାସ ଗୋରନ୍ତ୍ୟାଲ୍‌ଙ୍କୁ ଜଲ୍‌ନା ଏବଂ ଗଣେଶ ଯାଦବଙ୍କୁ ଶିବ କୋଠିଓ୍ୱାଡ଼ା ଆସନରୁ ପ୍ରାର୍ଥୀ କରିଛି ।

ଶିବସେନା ପକ୍ଷରୁ ଅନୀଲ ଗୋଟେ ଙ୍କୁ ଧୁଲେରୁ ପ୍ରାର୍ଥୀ କରାଯାଇଥିବା ବେଳେ ହିଙ୍ଗୋଲିରୁ ରୂପାଲି ପାଟିଲ୍, ଶିବଲୀରୁ ଅଜୟ ଚୌଧୁରୀ ଏବଂ ବାଇକୁଲାରୁ ମନୋଜ ଯମସୁତକରଙ୍କୁ ପ୍ରାର୍ଥୀ କରାଯାଇଛି । ମହାରାଷ୍ଟ୍ର ନିର୍ବାଚନ ଲାଗି ଆସନ୍ତା ୨୯ ତାରିଖ ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ରହିଥିବା ବେଳେ ନଭେମ୍ବର ୨୦ ତାରିଖରେ ମତଦାନ ଓ ୨୩ ତାରିଖରେ ମତ ଗଣନା ହେବ ।

## ପଏମ୍-କଣ୍ଡୋଲେନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରସିଦ୍ଧ ନୃତ୍ୟାଙ୍ଗନା ଏବଂ ସାଂସ୍କୃତିକ ବ୍ୟକ୍ତିତ୍ୱ କନକ ରାଜୁଙ୍କ ପରଲୋକରେ ଶୋକ ବ୍ୟକ୍ତ କରିଛନ୍ତି । ଗୁଷାଡ଼ି ନୃତ୍ୟକଳାର ସଂରକ୍ଷଣ ଦିଗରେ ତାଙ୍କ ଯୋଗଦାନକୁ ଶ୍ରୀ ମୋଦୀ ପ୍ରଶଂସା କରିବା ସହ ଭବିଷ୍ୟତ ପିଢ଼ିକୁ ଏହା ପ୍ରେରଣା ଯୋଗାଇବ ବୋଲି କହିଛନ୍ତି । ଏହି ନୃତ୍ୟ ପ୍ରତି କନକ ରାଜୁଙ୍କ ସମର୍ପଣ ଏବଂ ସାଂସ୍କୃତିକ ଐତିହ୍ୟକୁ ଲୋକପ୍ରିୟ କରାଇବା କ୍ଷେତ୍ରରେ ତାଙ୍କ ଭୂମିକାକୁ ଶ୍ରୀ ମୋଦୀ ପ୍ରଶଂସା କରିଛନ୍ତି ।

ସେହିପରି ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ରୋହିଣୀ ଗଡବୋଲେଙ୍କ ଦେହାନ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୋକ ପ୍ରକାଶ କରିଛନ୍ତି । ତାଙ୍କର ନବସୃଜନତା ଏବଂ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ଅବଦାନ ଲାଗି ପ୍ରଶଂସା କରିବା ସହିତ ଏହା ଆଗାମୀ ପିଢ଼ିକୁ ପ୍ରେରଣା ଓ ମାର୍ଗଦର୍ଶନ କରିବ ବୋଲି ଶ୍ରୀ ମୋଦୀ ତାଙ୍କ ଶୋକବାର୍ତ୍ତାରେ ଉଲ୍ଲେଖ କରିଛନ୍ତି ।

## ଝାଡ଼ଖଣ୍ଡ ନୋମିନେସନ

ଝାଡ଼ଖଣ୍ଡ ବିଧାନସଭା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ମୋଟ୍ ୧ ହଜାର ୬୦୯ଟି ମନୋନୟନପତ୍ର ଦାଖଲ ହୋଇଛି । ଗତକାଲି ଏହି ପର୍ଯ୍ୟାୟ ଲାଗି ମନୋନୟନପତ୍ର ଦାଖଲର ଶେଷ ଦିବସ ଥିଲା । ଆସନ୍ତା ୨୮ ତାରିଖ ଦିନ ନାମାଙ୍କନପତ୍ର ଗୁଡ଼ିକର ଯାଞ୍ଚ କରାଯିବ ଏବଂ ୩୦ ତାରିଖ ହେଉଛି ମନୋନୟନପତ୍ର ପ୍ରତ୍ୟାହାରର ଶେଷଦିବସ । ବରକଠା

ବିଧାନସଭା ଆସନ ଲାଗି ସର୍ବାଧିକ ୭୦ଟି ମନୋନୟନପତ୍ର ଦାଖଲ କରାଯାଇଛି । ଆସନ୍ତା ମାସ ୧୩ ତାରିଖ ଦିନ ପ୍ରଥମ ପର୍ଯ୍ୟାୟରେ ୪୩ଟି ବିଧାନସଭା ଆସନ ଲାଗି ଭୋଟ୍ ଗ୍ରହଣ କରାଯିବ । ଦୁଇଟି ପର୍ଯ୍ୟାୟରେ ଝାଡ଼ଖଣ୍ଡ ବିଧାନସଭା ଲାଗି ନିର୍ବାଚନ ଅନୁଷ୍ଠିତ ହେଉଛି । ଦ୍ୱିତୀୟ ପର୍ଯ୍ୟାୟରେ ନଭେମ୍ବର ୨୦ ତାରିଖ ଦିନ ବାକି ଆସନ ଲାଗି ମତଦାନ କରାଯିବ ।

ଇତିମଧ୍ୟରେ ରାଜ୍ୟର ବିଧାନସଭା ନିର୍ବାଚନ ତାରିଖ ଘୋଷଣା ହେବା ପରଠାରୁ ଗତକାଲି ସୁଦ୍ଧା ବିଭିନ୍ନ ସ୍ଥାନରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଯାଞ୍ଚ କରାଯାଇ ୫୧ କୋଟିରୁ ଊର୍ଦ୍ଧ୍ୱ ନଗଦ ଅର୍ଥ  ସହିତ ଅନେକ ଆପତ୍ତିଜନକ ଜିନିଷ ଜବତ କରାଯାଇଛି । ଏତଦ୍‌ବ୍ୟତୀତ ଆଦର୍ଶ ନିର୍ବାଚନ ବିଧି ଉଲ୍ଲଂଘନ ଅଭିଯୋଗରେ ୧୬ଟି ଏଫ୍ଆଇଆର ଦାଖଲ ହୋଇଥିବା ଜଣାଯାଇଛି ।

---

# ନୋମିନେସନ୍

କେରଳର ୱାୟାନାଡ ସଂସଦୀୟ ଆସନ ସମେତ ବିଭିନ୍ନ ରାଜ୍ୟର ୪୭ଟି ବିଧାନସଭା ଆସନ ଲାଗି ଅନୁଷ୍ଠିତ ହେବାକୁ ଥିବା ଉପନିର୍ବାଚନ ନିମନ୍ତେ ଗତକାଲି ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି । ଏହି ପର୍ଯ୍ୟାୟରେ ଉତ୍ତରପ୍ରଦେଶର ୯ଟି ବିଧାନସଭା ଆସନ, ରାଜସ୍ଥାନର ୭ଟି, ପଶ୍ଚିମବଙ୍ଗର ୬ଟି, ଆସାମର ୫ଟି, ବିହାର ଓ ପଞ୍ଜାବର ୪ଟି ଲେଖାଏଁ, କର୍ଣ୍ଣାଟକର ୩ଟି, କେରଳ, ମଧ୍ୟପ୍ରଦେଶ ଓ ସିକିମ୍‌ର ୨ଟି ଲେଖାଏଁ ଏବଂ ଛତିଶଗଡ଼, ଗୁଜରାଟ ଓ ମେଘାଳୟ ବିଧାନସଭାର ଗୋଟିଏ ଲେଖାଏଁ ଆସନ  ଲାଗି ଉପନିର୍ବାଚନ ଅନୁଷ୍ଠିତ ହେବ ।

ଏଥିଲାଗି ଆସନ୍ତାମାସ ୧୩ ତାରିଖ ଦିନ ମତଦାନ କରାଯିବ । ସେହିଦିନ ଓ୍ୱାୟନାଡ ସଂସଦୀୟ କ୍ଷେତ୍ର ଲାଗି ମଧ୍ୟ ଭୋଟ୍ ଗ୍ରହଣ ହେବ । ଏହାଛଡ଼ା ଆସନ୍ତା ମାସ ୨୦ ତାରିଖ ଦିନ ମହାରାଷ୍ଟ୍ରର ନାନ୍ଦେଡ ଲୋକସଭା ଆସନ ଏବଂ ଉତ୍ତରାଖଣ୍ଡର କେଦାରନାଥ ବିଧାନସଭା ଆସନ ନିମନ୍ତେ ଉପନିର୍ବାଚନ ଅନୁଷ୍ଠିତ ହେବ । ଏହି ସମସ୍ତ ଉପନିର୍ବାଚନର ଭୋଟ୍ ଗଣତି ନଭେମ୍ବର ୨୩ ତାରିଖରେ କରାଯିବ ।

## କ୍ରିକେଟ୍

ପୁନେର ମହାରାଷ୍ଟ୍ର କ୍ରିକେଟ୍ ଆସୋସିଏସନ ଷ୍ଟାଡିୟମରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭାରତ ତା'ର ଦ୍ୱିତୀୟ ଇନିଂସ୍‌ରେ ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ୫ ୱିକେଟ୍ ବିନିମୟରେ ୧୬୨ରନ୍ କରିଛି । ୱାଶିଂଟନ୍ ସୁନ୍ଦର ଏବଂ ସରଫରାଜ ଖାଁ ବ୍ୟାଟିଂ କରୁଛନ୍ତି । ନ୍ୟୁଜିଲାଣ୍ଡ ତା'ର ଦ୍ୱିତୀୟ ଇନିଂସ୍‌ରେ ୨୫୫ ରନ୍ ସଂଗ୍ରହ କରଛି । ଏହି ଟେଷ୍ଟ ମ୍ୟାଚ୍‌କୁ ଜିତିବାକୁ ଦ୍ୱିତୀୟ ଇନିଂସ୍‌ରେ ଭାରତକୁ ୩ଶହ ଅଣଷଠୀ ରନ୍ ସଂଗ୍ରହ କରିବାକୁ ପଡିବ । ଭାରତକୁ ଏବେ ଆହୁରି ୧୯୭ରନ୍ ସଂଗ୍ରହ କରିବାକୁ ପଡିବ । ଭାରତ ହାତରେ ୫ଟି ୱିକେଟ୍ ରହିଛି ।

ଚୂଡାନ୍ତ ସ୍କୋର : ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ୍ ୨ଶହ ଅଣଷଠି ରନ୍, ଭାରତ ପ୍ରଥମ ଇନିଂସ୍ ୧୫୬ରନ୍, ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ୍‌ରେ ୨୫୫ରନ୍ ।